## ସଂକ୍ଷେପରେ

### ଟ୍ରେଡିଂରେ ଟଙ୍କା ଲଗାଇବାକୁ କହି ୨୩ ଲକ୍ଷ ଠକେଇ

ବ୍ରହ୍ମପୁର,୧୦।୯(ସୁବାସ ଚନ୍ଦ୍ର ପାଢ଼ୀ)

ଟ୍ରେଡିଂରେ ଟଙ୍କା ଲଗାଇବାକୁ କହି ଜଣେ ବ୍ୟକ୍ତିଙ୍କ ଠାରୁ ୨୩ ଲକ୍ଷ ଟଙ୍କା ଠକେଇ ହୋଇଛି। ୫ମାସ ପରେ ଟଙ୍କା ଦୁଇ ଗୁଣ ହୋଇଯିବ ବୋଲି କହି ଏହି ଠକେଇ ହୋଇଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ଠକାମୀର ଶିକାର ହୋଇଛନ୍ତି ଚନ୍ଦ୍ରମଣିପେଟା ସାହିର ସତ୍ୟନାରାୟଣ ସାମଲ (୩୩)। ସତ୍ୟନାରାୟଣ ଉକ୍ତ ସଂସ୍ଥାରେ ୨୮ଲକ୍ଷ ୫୦ହଜାର ଟଙ୍କା ଜମା କରିଥିଲେ। ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ ଅଭିଯୁକ୍ତ ଜଣଙ୍କ ଭିକିରାଜ ଟ୍ରେଡିଂ ସଂସ୍ଥାରେ ଟଙ୍କା ଲଗାଇବା ପାଇଁ ସତ୍ୟଙ୍କୁ କହିଥିଲେ। ଏଥିରେ ଟଙ୍କା ଲଗାଇଲେ ଅଳ୍ପଦିନ ମଧ୍ୟରେ ମୂଳ ଟଙ୍କା ସହ ଅଧିକ ସୁଧ ମିଳିବ ବୋଲି ତାଙ୍କୁ ଲୋଭ ଦେଖାଇଥିଲେ। ହେଲେ ଯେଉଁ ସମୟସୀମା ମଧ୍ୟରେ ଅଧିକ ସୁଧ ମିଳିବ ବୋଲି ଅଭିଯୁକ୍ତ କହିଥିଲେ ସେପରି କିଛି ମିଳି ନ ଥିଲା। ଏ ନେଇ ସତ୍ୟ ପଚାରିବାରୁ ଅଭିଯୁକ୍ତ ଜଣଙ୍କ ଅପେକ୍ଷା କରିବାକୁ କହିଥିଲେ। ଏଥିରେ ସନ୍ଦେହ ହେବାରୁ କେବଳ ମୂଳ ଟଙ୍କା ଫେରାଇ ଦେବା ପାଇଁ ସତ୍ୟ କହିଥିଲେ। ଅଭିଯୁକ୍ତ ଜଣଙ୍କ ଏଥିପାଇଁ ସମୟ ମାଗିଥିଲେ। ହେଲେ ଠିକ ସମୟ ମଧ୍ୟରେ ଟଙ୍କା ଫେରାଇ ନ ଥିଲେ। ଥାନାରେ ଏତଲା ଦେବେ ବୋଲି ସତ୍ୟ କହିବାରୁ ସଂସ୍ଥାର ମୁଖିଆ ତାଙ୍କୁ ୫ଲକ୍ଷ ୫୦ହଜାର ଟଙ୍କା ଫେରାଇଥିଲେ। ହେଲେ ବାକି ଟଙ୍କା ଆଉ ଫେରାଇଲେ ନାହିଁ। ତେଣୁ ବାଧ୍ୟହୋଇ ସତ୍ୟ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ପୋଲିସ ୪୫୧/୨୩ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ ଜଣଙ୍କ ଅନେକ ଲୋକଙ୍କ ଠାରୁ ଅନୁରୂପ ଢଙ୍ଗରେ ଠକେଇ କରିଥିବା ପୋଲିସ ତଦନ୍ତ ବେଳେ ଜଣାପଡ଼ିଛି।

### ଯୁବକଙ୍କୁ ହତ୍ୟା ଘଟଣା, ଅଭିଯୁକ୍ତ କୋର୍ଟ ଚାଲାଣ

ଆସିକା,୧୦।୯(ସୁରେନ୍ଦ୍ର ନାଥ ସାହୁ)

କୋଦିନଡା ଥାନା ଅନ୍ତର୍ଗତ ହରିଡାପଦର ଗ୍ରାମରେ ଶନିବାର ସେହି ଗ୍ରାମର ସଞ୍ଜୟ ନାୟକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା । ରବିବାର ପୋଲିସ ଏହି ଘଟଣାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର ସୁରେଶ ଡାକୁଆ। ତାଙ୍କ ନିକଟରୁ ଗୋଟିଏ ଭୁଜାଲି ଓ ରକ୍ତଭିଜା ଲୁଗା ଜବତ କରାଯାଇଛି। ସୁରେଶଙ୍କୁ ରବିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ମାମଲାର ତଦନ୍ତ ଅଧିକାରୀ ଆସିକା ଏସଡିପିଓ ଉମା ଶଙ୍କର ସିଂ ସୂଚନା ଦେଇଛନ୍ତି । ଗ୍ରାମର ଆଇନଶୃଙ୍ଖଳା ପ୍ରତି ପୋଲିସ ପକ୍ଷରୁ କଡା ନଜର ରଖାଯାଇଛି । ଏକ ପ୍ଲାଟୁନ ସଶସ୍ତ୍ର ପୋଲିସ ଗ୍ରାମରେ ମୁତୟନ ରହିଥିଲା ବେଳେ ପୋଲିସ ପଇଁତରା ଜାରି ରହିଛି ।

ପ୍ରକାଶ ଯେ, ହରିଡାପଦର ଗ୍ରାମରେ ଦୀର୍ଘଦିନ ଧରି ସବର୍ଣ୍ଣ ଓ ଅସବର୍ଣ୍ଣ ଗୋଷ୍ଠୀ ମଧ୍ୟରେ ବିଭିନ୍ନ ସମୟରେ ତିକ୍ତତା ଲାଗି ରହିଛି । ଶୁକ୍ରବାର ଗ୍ରାମରେ କେତେଜଣ ଅସବର୍ଣ୍ଣ ଯୁବକ ହୋହାଲ୍ଲା କରୁଥିବା ଖବରପାଇ କୋଦିନଡା ପୋଲିସ ପହଞ୍ଚି ଦୁଇ ଜଣଙ୍କୁ ଉଠାଇ ନେଇଥିଲା। ବିଭିନ୍ନ ସମୟରେ ଗ୍ରାମକୁ ପୋଲିସ ଆସିବାକୁ ନେଇ ସୁରେଶଙ୍କ ହାତଥିବା ଅସବର୍ଣ୍ଣ ଗୋଷ୍ଠୀ ସନ୍ଦେହ କରୁଥିଲେ। ଶୁକ୍ରବାର ଘଟଣାରେ ମଧ୍ୟ ସୁରେଶଙ୍କ ସଂପୃକ୍ତି ଥିବା ମନେ କରି ଅସବର୍ଣ୍ଣ ଗୋଷ୍ଠୀର ସଞ୍ଜୟ ଓ ଅନ୍ୟ କେତେଜଣ ଆସି ତାଙ୍କ ଘର ସମ୍ମୁଖରେ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ । ସୁରେଶ ଓ ସଞ୍ଜୟ ଗାଁ ଦାଣ୍ଡରେ ମୁହାଁମୁହିଁ ହେବାରୁ ଯୁକ୍ତିତର୍କ ଓ ହାତାହାତି ପରିସ୍ଥିତି ହୋଇଥିଲା । ପରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯିବାରୁ ସଞ୍ଜୟଙ୍କ ମୃତ୍ୟୁ ଘଟିଥିବା ପୋଲିସ ପକ୍ଷରୁ କୁହାଯାଇଛି ।

# ରାଜସ୍ୱ ଆଦାୟରେ ଏକ ନମ୍ବର, ଲୋକଙ୍କୁ ମିଳୁନି ସେବା

## କନିଷି ତହସିଲରେ କର୍ମଚାରୀ ଅଭାବ

ଗୋପାଳପୁର,୧୦।୯(ନବୀନ ରାଜ ଆଚାରୀ)

ସରକାର ସମସ୍ତ ବିଭାଗକୁ ୫-ଟି ଅଧୀନକୁ ନେଇ ବିଭିନ୍ନ ବିଭାଗରେ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି। ରାଜସ୍ୱ ବିଭାଗର ସେବାଗୁଡ଼ିକ କିଭଳି ହାତ ପାଆନ୍ତାରେ ନିର୍ଦ୍ଧାରିତ ସମୟରେ ଲୋକେ ସେବା ପାଇପାରିବେ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଉଛି। ହେଲେ କିଛି ଅଧିକାରୀଙ୍କ ଖାମଖିଆଲ ମନୋବୃତ୍ତି ଯୋଗୁଁ ସରକାରଙ୍କ ଯୋଜନା ଦିଗହରା ହେବା ସହ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା କନିଷି ତହସିଲରେ। ଏଠାରେ ଦିନକୁ ଦିନ କର୍ମଚାରୀ ଅଭାବ ହେବା ଫଳରେ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବହୁ ଦୂରଦୂରାନ୍ତରୁ ଲୋକମାନେ ଆସୁଥିଲେ ମଧ୍ୟ ସେବା ନ ପାଇଁ ହଇରାଣ ହେଉଥିବା ଦେଖିବାକୁ ମିଳୁଛି। ରାଜ୍ୟରେ କନିଷି ତହସିଲ କାର୍ଯ୍ୟଭାରରେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ଏହି ତହସିଲରେ ୧୩ଟି ରାଜସ୍ୱ ସର୍କଲ ରହିଛି। ଏଥିରେ ଗତ ବର୍ଷ ୨୬ ହଜାରରୁ ଉର୍ଦ୍ଧ୍ୱ ଜମିଜମା ଦାଖଲ ଓ ଖାରଜ (ମ୍ୟୁଟେସନ) ମାମଲା ହୋଇଛି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୧୨ ହାଜରରୁ ଉର୍ଦ୍ଧ୍ୱ ମ୍ୟୁଟେସନ ମାମଲା ଦାଖଲ ହୋଇଛି। ଏଠାରେ କର୍ମଚାରୀ ଦିନକୁ ଦିନ କମୁଥିବା ବେଳେ ନିର୍ଦ୍ଧାରିତ ସମୟରେ ସେବା ଯୋଗାଇବାରେ ବହୁ ପଛରେ ରହିଛି। ଏନେଇ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଉକ୍ତ ତହସିଲରେ ବର୍ତ୍ତମାନ ଜଣେ ତହସିଲଦାର କାର୍ଯ୍ୟ କରୁଛନ୍ତି। ତିନିଜଣ ଅତିରିକ୍ତ ତହସିଲଦାର ପଦବୀ ରହିଛି। ତେବେ ଦୀର୍ଘ ମାସ ହେଲା ଦୁଇଟି ଅତିରିକ୍ତ ତହସିଲଦାର ପଦ ଖାଲିପଡ଼ିଛି। ଗତ କିଛି ମାସ ହେଲା ରାଜସ୍ୱ ବିଭାଗର ଅଦଳ ବଦଳରେ ଜଣୈକ ଅଧିକାରୀ ଶମେଶ ରଣବିଜୁଳି ଅତିରିକ୍ତ ତହସିଲଦାର ଭାବେ ଯୋଗଦେଇଛନ୍ତି। ଏଥିସହ କନିଷି ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ ମଧ୍ୟ ସେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ଚିକିଟି ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାର କନିଷି ଅତରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଛନ୍ତି। ଜିଲାରେ ବଡ଼ ତହସିଲ ରୂପେ ପରିଚିତ କନିଷି ତହସିଲରେ ୫ଟି କନିଷ୍ଠ କିରାଣୀ ପଦବୀ ଖାଲିଥିବା ବେଳେ ଗୋଟିଏ ବରିଷ୍ଠ କିରାଣୀ ଓ ୭ଟି ପିଅନ ପଦବୀ ଖାଲି ପଡ଼ିଛି। କର୍ମଚାରୀଙ୍କ ସଂଖ୍ୟା ହ୍ରାସ ପାଉଥିବା ବେଳେ ଦିନକୁ ଦିନ କାର୍ଯ୍ୟଭାର ବୃଦ୍ଧି ପାଉଛି। ବର୍ତ୍ତମାନ ତିନି ହଜାରରୁ ଉର୍ଦ୍ଧ୍ୱ ଜମି ପଟ୍ଟା ପେଣ୍ଡିଂ ରହିଥିବା ବେଳେ ହଜାରେରୁ ଉର୍ଦ୍ଧ୍ୱ ଗ୍ରାମକଣ୍ଟକ ପଟ୍ଟା ପେଣ୍ଡିଂ ରହିଛି। ଗତ ଆର୍ଥିକ ବର୍ଷରେ ଜମିଜମା ଖଜଣାରେ ୪ କୋଟି ଟଙ୍କା ଆଦାୟ ହୋଇଥିବା ବେଳେ ଗାଡ଼ି ଓ ରୟାଲଟି ବାବଦରେ ୭ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଛି। ସମୁଦାୟ ୧୧ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଛି। ଜିଲାରେ ରାଜସ୍ୱ ଆଦାୟରେ କନିଷି ତହସିଲ ଏକ ନମ୍ବର ରହିଛି। ତେବେ କେଉଁ କାରଣରୁ କର୍ମଚାରୀ ପଦବୀ ପୂରଣ କରାଯାଉନାହିଁ ସେନେଇ ସନ୍ଦେହ ପ୍ରକାଶ ପାଇଛି। କର୍ମଚାରୀ ଅଭାବ ନେଇ ବାରମ୍ବାର ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁନଥିବା ନେଇ ସାଧାରଣ ଅଭିଯୋଗ ଉଠିଛି। ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣ ଦାବି ହୋଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com



@ ପ୍ରଶ୍ନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଡିଏଲ୍ଏସ୍ଏ ପକ୍ଷରୁ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୧୦।୯(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଆଇନସେବା ପ୍ରାଧୀକରଣ ପକ୍ଷରୁ ଜିଲା କୋର୍ଟ ପରିସରରେ ରବିବାର ଜୋନସ୍ତରୀୟ ଆନ୍ତଃ ବିଦ୍ୟାଳୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ଏବଂ ବ୍ୟଙ୍ଗ ନାଟକ ଆଦି ପ୍ରତିଯୋଗିତାରେ ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡା ଏବଂ ନୟାଗଡ଼ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ବ୍ରହ୍ମପୁର ଏକ୍ସ-ଜେନ୍ ଅନୁଷ୍ଠାନର ଅଧକ୍ଷ ଉଜ୍ଜ୍ୱଳ କୁମାର ସାହୁ, ସହକାରୀ ଶିକ୍ଷୟିତ୍ରୀ ସୁଜାତା ମହାରଣା ବିଚାରକ ରହିଥିବା ବେଳେ ବକ୍ତୃତାରେ ବ୍ରହ୍ମପୁର ସିନିୟର ସିଭିଲ ଜଜ ପଦ୍ମଲୋଚନ ବଡ଼ଜେନା, ବରିଷ୍ଠ ଆଇନଜୀବୀ ଟି.କେ ରେଡ୍ଡୀ, ପ୍ରବନ୍ଧରେ କମର୍ସିଆଲ କୋର୍ଟ ଜଜ୍ ଡ଼.ମମତା ମହାନ୍ତି, ସାମାଜିକ କର୍ମୀ ଡ଼.ଶ୍ୟାମାକାନ୍ତ ଜେନା ଏବଂ ବ୍ୟଙ୍ଗ ନାଟକରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଦେବଶ୍ରୀ ସାହୁ, ମଞ୍ଚ ନାଟକ ନିର୍ଦ୍ଦେଶକ ମଦନ ମୋହନ ମିଶ୍ର, ଗଞ୍ଜାମ ଆଇନ ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଲୋକନାଥ ପାତ୍ର ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ତଥା ଦୌରାଜଜ୍ ରୂପଶ୍ରୀ ଚୌଧୁରୀ, ବ୍ରହ୍ମପୁର ଦ୍ୱିତୀୟ ଅତିରିକ୍ତ ଜିଲା ଜଜ ଆୟୁଷ୍ମାନ ମହନ୍ତ, ସିଜେଏମ ବିଷ୍ଣୁ ପ୍ରସାଦ ମିଶ୍ର, ସିଭିଲ କୋର୍ଟ ରେଜିଷ୍ଟ୍ରାର ସୁଶାନ୍ତ କୁମାର ମିଶ୍ର ଏବଂ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଦେବଶ୍ରୀ ସାହୁ ଉପସ୍ଥିତ ଥିଲେ। ପାରାଲିଗାଲ ସ୍ୱେଚ୍ଛାସେବୀ ଜ୍ୟୋତ୍ସ୍ନା କୁମାରୀ ସାହୁ ମଞ୍ଚ ଉପସ୍ଥାପନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଅଲ୍ ଇଣ୍ଡିଆ ଥିଏଟର କାଉନସିଲର ରାଷ୍ଟ୍ରୀୟ ସମ୍ମିଳନୀ

ବ୍ରହ୍ମପୁର,୧୦।୯(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ଆଇଟିଆଇ ଅଡିଟୋରିୟମ ହଲ ପରିସରରେ ୨ଦିନ ଧରି ଚାଲିଥିବା ଅଲ ଇଣ୍ଡିଆ ଥିଏଟର କାଉନସିଲର ରାଷ୍ଟ୍ରୀୟ ସମ୍ମିଳନୀ ରବିବାର ଉଦଯାପିତ ହୋଇଛି। ଥିଏଟର କାଉନସିଲ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ରାଜ ଗୋପାଳ ପାଢୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାମଚନ୍ଦ୍ର ସାସମଲ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ବରିଷ୍ଠ ନାଟ୍ୟକାର ମେଜର ରମାରମଣ ପାଢୀ, ମୁଖ୍ୟବକ୍ତା ରୂପେ ଇଂ ଯାମିନୀ କାନ୍ତ ଦାସ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ଥିଏଟର କାଉନସିଲର ରାଷ୍ଟ୍ରୀୟ ଅଧକ୍ଷ ଅଶୋକ ମେହେରା, ନାଟ୍ୟ କର୍ମୀ ଅଶୋକ କର, ସଂଗୀତ ନାଟକ ଏକାଡେମୀ ସଦସ୍ୟ ଡ ଭବାନୀ ଶଙ୍କର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଉଦଯାପନୀ ଦିବସରେ କଳାକାରମାନଙ୍କ ଶୋଭାଯାତ୍ରା ବହାରିଥିଲା। କୈଳାସ ପାଣିଗ୍ରାହୀ, ସୁଶାନ୍ତ ପାଣିଗ୍ରାହୀ, ରମେଶ ମହାରଣା, ଦେବେନ୍ଦ୍ର ଶର୍ମା ଓ ବ୍ରହ୍ମପୁର କଳାକାର ଏକତା ମଞ୍ଚର ବହୁ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଯୋଗ ପ୍ରତିଯୋଗିତାରେ ସରୋଜଙ୍କୁ ସ୍ୱର୍ଣ୍ଣ

ଆସିକା,୧୦।୯(ସୁରେନ୍ଦ୍ର ନାଥ ସାହୁ)

କଟକରେ ଶନିବାର ଓ ରବିବାର ଦୁଇଦିନ ଧରି ଅନୁଷ୍ଠିତ ୨୯ତମ ରାଜ୍ୟ ଯୋଗ ଚାମ୍ପିୟନଶିପ ପ୍ରତିଯୋଗିତାରେ ସିନିୟର ବର୍ଗରେ ସରୋଜ କୁମାର ବିଷୋୟୀ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। କଟକସ୍ଥିତ କଳିଙ୍ଗ ଜିମ୍ନାସିୟମ ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସେ କୃତି ବିବେଚିତ ହୋଇଥିଲେ । ଆସିକା ନୂଆଗାଁସ୍ଥିତ ଗଞ୍ଜାମ ଜିଲା ଯୋଗ ଆସୋସିଏଶନ ପକ୍ଷରୁ ସରୋଜଙ୍କ ସମେତ ସିନିୟର ବିଭାଗର ଧର୍ମେନ୍ଦ୍ର ସାହୁ ଓ ଜୁନିୟର ବିଭାଗରେ ଅମୃତ ସ୍ୱାଇଁ, ବିଶ୍ୱଜିତ ଜେନା ଓ ଶୁଭମ ରାଉତ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଜିଲା ଯୋଗ ଆସୋସିଏଶନ କୋଚ ଗଙ୍ଗାଧର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗୀମାନେ ପ୍ରତିଯୋଗିତାରେ ସାମିଲ ଥିଲେ ।

### କମ୍ପ୍ୟୁଟର ଦୋକାନରୁ ଚୋରି

#### ୧୦ ଲକ୍ଷ ଟଙ୍କାର ଲାପ୍ଟପ, ଡିଭିଆର୍



ପୋଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରୁଛି।

ବ୍ରହ୍ମପୁର,୧୦।୯(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଗୋଟିଏ ପରେ ଗୋଟିଏ ଲୁଟ୍ ଘଟଣା ଘଟି ଚାଲିଥିଲେ ମଧ୍ୟ ପୋଲିସ ଲୁଟେରା ଗ୍ୟାଙ୍ଗର ସୁରାକ ପାଇପାରୁନାହିଁ। ଏହି ଧାରାରେ ଶନିବାର ବିଳମ୍ବିତ ରାତ୍ରରେ ଗାନ୍ଧିନଗର ମୁଖ୍ୟ ରାସ୍ତାରେ ଥିବା ଏକ କମ୍ପ୍ୟୁଟର ଦୋକାନରେ ଲୁଟେରା କଳାକନା ବୁଲାଇଛନ୍ତି। ଦୋକାନରୁ ବିଭିନ୍ନ ନାମୀଦାମୀ କମ୍ପାନୀର ଲାପ୍ଟପ, ସିସିଟିଭି କ୍ୟାମେରା, ମୋଡେମ ଡିଭିଆର ଆଦି ୧୦ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି କରି ନେଇଛନ୍ତି। ଦୋକାନ ମାଲିକ ଅଜିତ କୁମାର ମିଶ୍ର ଏ ନେଇ ରବିବାର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଅଜିତ ଶନିବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରବିବାର ପୂର୍ବାହ୍ନରେ ଦୋକାନ ଖୋଲିବା ବେଳେ ବିଭିନ୍ନ ଜିନିଷ ଏପଟସେପଟ ହୋଇ ପଡ଼ିଥିବା ଦେଖି ସନ୍ଦେହ ହେବାରୁ ଟାଉନ ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲା। ଲୁଟେରା ଗ୍ୟାଙ୍ଗ ଦୋକାନ ପଛପଟ ଭେଣ୍ଟିଲେଟର ଭାଙ୍ଗି ଭିତରେ ପଶି ଚୋରି କରିଥିବା ଜଣାପଡ଼ିଛି। ଉକ୍ତ କମ୍ପ୍ୟୁଟର ଦୋକାନରେ କାମ କରୁଥିବା ୭/୮ଜଣ କର୍ମଚାରୀଙ୍କ ଏଥିରେ ସମ୍ପୃକ୍ତି ଅଛି କି ନାହିଁ ତାହା ସ୍ପଷ୍ଟ କରିବା ପାଇଁ ସାଇଣ୍ଟିଫିକ ଟିମ ସେମାନଙ୍କ ଫିଙ୍ଗରପ୍ରିଣ୍ଟ ସଂଗ୍ରହ କରି ସେ ଦିଗରେ ମଧ୍ୟ ତଦନ୍ତ କରୁଛି। ଲୁଟେରାମାନେ ନାବାଳକଙ୍କୁ ତାଙ୍କ ଗ୍ୟାଙ୍ଗରେ ସାମିଲ କରି ଚୋରି କରୁଥିବା ପୋଲିସ ଅନୁମାନ କରୁଛି। କାରଣ ଭଙ୍ଗାଯାଇଥିବା ଭେଣ୍ଟିଲେଟରରେ ଜଣେ ନାବାଳକ ହିଁ ପଶିପାରିବ ବୋଲି ପ୍ରାଥମିକ ତଦନ୍ତରୁ ଜଣାଯାଇଛି। ଦୋକାନ ନିକଟରେ ଥିବା ଚର୍ଚ୍ଚ ଓ ହୋଟେଲରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ତଦନ୍ତ କରୁଥିବା ପୋଲିସ କହିଛି। ଏ ସଂକ୍ରାନ୍ତରେ ୩୭୦/୨୩ରେ ଏକ ମାମଲା ରୁଜୁ ହୋଇଛି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ: ଗବେଷଣା ପଦ୍ଧତି କର୍ମଶାଳା ଉଦ୍ଯାପିତ

ବ୍ରହ୍ମପୁର,୧୦।୯



କର୍ମଶାଳାରେ ଯୋଗଦେଇଥିବା ଗବେଷକ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁର ଆଇକ୍ୟୁଏସି ସେଲ ପକ୍ଷରୁ ସପ୍ତାହ ବ୍ୟାପୀ ଚାଲିଥିବା ଗବେଷଣା ପଦ୍ଧତି ସମ୍ବନ୍ଧୀୟ କର୍ମଶାଳା ଉଦଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ମାନବ ସମ୍ବଳ ବିକାଶ କେନ୍ଦ୍ର ପରିସରରେ ଆୟୋଜିତ ଏହି କର୍ମଶାଳାର ଉଦଯାପନୀରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କର୍ମଶାଳାରେ ଅଂଶ ଗ୍ରହଣ କରିଥିବା ସମସ୍ତ ଗବେଷକଙ୍କୁ ଗବେଷଣା କ୍ଷେତ୍ରରେ ଉତ୍କର୍ଷତାର ସ୍ୱାଦ ଉପଲବ୍ଧି କରିବାର ମାର୍ଗ ସମ୍ପର୍କରେ ଅତିଥିମାନେ କହିଥିଲେ। ଆଇକ୍ୟୁଏସି ସେଲ ନିର୍ଦ୍ଦେଶକ ପ୍ରଫେସର ସୁଧାକର ପାତ୍ର, ଗବେଷଣା ଓ ଉନ୍ନୟନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, କର୍ମଶାଳାରର ଆବାହକ ଡ. ଅଞ୍ଜନ କୁମାର ପୃଷ୍ଟି, ସହ ଆବାହକ ଡ. ବିଶ୍ୱଜିତ ପ୍ରସାଦ ଛାଟୋଇ, ଡ. ଆଦିତ୍ୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ବିଶ୍ୱବିଦ୍ୟାଳୟର ୧୫୬ରୁ ଉର୍ଦ୍ଧ୍ୱ ଗବେଷକ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ତଥା ଗବେଷଣା ସଂସ୍ଥାନରୁ ପ୍ରତିଭାବାନ ବ୍ୟକ୍ତି ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଶେଷରେ ସମସ୍ତ ଗବେଷକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

### ଦିଗପହଣ୍ଡି - ପଦ୍ମନାଭପୁର ରାସ୍ତା ମରଣଯନ୍ତା

ଦିଗପହଣ୍ଡି,୯।୯(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି - ପଦ୍ମନାଭପୁର ମୁଖ୍ୟ ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ହୋଇପଡ଼ିଥିବାରୁ ପ୍ରତ୍ୟହ ଛୋଟବଡ ଦୁର୍ଘଟଣା ଘଟୁଥିବା ଜଣାପଡ଼ିଛି। ଦିଗପହଣ୍ଡି ସହର ବାଣିଜ୍ୟ କେନ୍ଦ୍ରର ଏକ ପ୍ରମୁଖ ପେଣ୍ଠସ୍ଥଳୀ ଭାବେ ପରିଚିତ। ସହର ଦେଇ ଦୈନିକ ହଜାର ହଜାର ଛୋଟ ବଡ ଗାଡ଼ି ଯାତାୟାତ କରିଥାନ୍ତି। ତେବେ ପୂର୍ତ୍ତବିଭାଗ ଅଧୀନରେ ଥିବା ଦିଗପହଣ୍ଡି ପୁଞ୍ଜିକୟାଁ ଠାରୁ ପଦ୍ମନାଭପୁର ଗ୍ରାମ ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ରହିଛି। ସାମାନ୍ୟ ବର୍ଷା ହେଲେ ଉକ୍ତ ରାସ୍ତାର ଖାଲ ଗୁଡିକରେ ବର୍ଷା ପାଣି ଜମି ରହୁଥିବାରୁ ଗାଡ଼ି ମୋଟର ଚାଳକ ମାନେ ଜାଣି ନପାରି ଦୁର୍ଘଟଣାର ସମ୍ମୁଖୀନ ହୋଇ ଆସୁଛନ୍ତି। ଉକ୍ତ ଖାଲଖମା ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ଅଞ୍ଚଳ ବାସୀ ଦାବି କରିଛନ୍ତି।

### ଭାଜପା ମଣ୍ଡଳସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ ଭାଜପା ନେତା।

ବ୍ରହ୍ମପୁର,୧୦।୯(ନରସିଂହ ସାହୁ)

ଭାଜପା ଯୁବ ମୋର୍ଚ୍ଚା ଆସିକା ରୋଡ ମଣ୍ଡଳ କାର୍ଯ୍ୟକର୍ତ୍ତା ସମ୍ମିଳନୀ ରବିବାର ସ୍ଥାନୀୟ ଶାର୍ଗୁଣା ସାହିରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବିଭୂତି ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ମଣ୍ଡଳ ସଭାପତି ଭାବଗ୍ରାହୀ ପାଳ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି ସମ୍ମାନିତ ଅତିଥି ଥିଲେ। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଯୁବମୋର୍ଚ୍ଚା ନେତା ଓ କର୍ମୀ ସଂଗଠନକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ଯୁବମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ, ସାଧାରଣ ସମ୍ପାଦକ ତୁତୁନ ପାତ୍ର, ଜିଲା ସଂଗଠନର କାର୍ଯ୍ୟକର୍ତ୍ତା ରାମ କୁମାର ପାତ୍ର, ସୁନୀଲ ସାହୁ, ଡ଼ା, ସୁବାସ ସାହୁ, ପ୍ରଭାତ ଷଡ଼ଙ୍ଗୀ, ଗଙ୍ଗାଧର ଶତପଥୀ, କର୍ପୋରେଟର ପ୍ରଦୀପ ଶତପଥୀ, ରଂଜିତା ବେହେରା, କରୁଣା କର, ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ରତ୍ନଗର୍ଭା ସରସ୍ୱତୀ, ବିଦ୍ୟୁସ୍ମିତା ପାଳ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତେ ଯୁବକର୍ମୀଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଏହି ଅବସରରେ ନବଗଠିତ ମଣ୍ଡଳ ଯୁବମୋର୍ଚ୍ଚା କମିଟିର ନୂଆ କାର୍ଯ୍ୟକର୍ତ୍ତାଙ୍କ ନାମ ଚନ୍ଦନ ସାହୁ ଘୋଷଣା କରିଥିଲେ।

ଏହି ଅବସରରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ରାଜେଶ ସାହୁ, ମାତା ପ୍ରସାଦ ନାୟକ, କମଳ ପାତ୍ର, ସିଦ୍ଧାର୍ଥ ତ୍ରିପାଠୀ, ରବି ରାଓ, ଦେବୁନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଗଞ୍ଜାମ ଚାମ୍ବର ଅଫ କମର୍ସର ସଭା

ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଲେ

ବ୍ରହ୍ମପୁର,୧୦।୯(ସ୍ମୃତି ରଞ୍ଜନ ମହାଲିକ)

ରାଜ୍ୟ ସରକାରଙ୍କ ପକ୍ଷରୁ ଦକ୍ଷିଣ ଓଡିଶାର ଗ୍ରାମ କଣ୍ଟକ ଓ ପରମ୍ବକ ଜମି ଉପରେ ସରଳୀକରଣ କରାଯାଇଥିବାରୁ ଗଞ୍ଜାମ ଚାମ୍ବର ଅଫ କମର୍ସ ଧନ୍ୟବାଦ ଜଣାଯାଇଛି। ଏଥିଲାଗି ଟାଉନ ହଲଠାରେ ଅନୁଷ୍ଠିତ ସଭାରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ବିଏମସି ମେୟର ସଂଘମିତ୍ରା ଦଳେଇ, ଜିଲା ଯୋଜନା ବୋର୍ଡର ସଦସ୍ୟ ତୁମ୍ବନାଥ ପଣ୍ଡା, ବିଏମସି କମିଶନର ଜେ ସୋନାଲ, ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ବ୍ରହ୍ମପୁର ତହସିଲଦାର ରବୀନ୍ଦ୍ର କୁମାର ମିଶ୍ର ଓ ଚାମ୍ବର ଅଫ କମର୍ସର ସଂପାଦକ ଭି ସନ୍ତୋଷ କୁମାର ଯୋଗ ଦେଇଥିଲେ। ଗ୍ରାମ କଣ୍ଟକ ଓ ପରମ୍ବକ ଜମି କିଣାବିକାରେ ସରଳୀକରଣ କରାଯାଇଥିବାରୁ ବହୁ ବ୍ୟବସାୟୀ ତଥା ଲୋକେ ଉପକୃତ ହେବେ ବୋଲି ଚାମ୍ବର ସଭାପତି ଇ ଶିବ ପ୍ରସାଦ ରାଓ କହିଛନ୍ତି। ଅବଦୁଲ ସତ୍ତର ଇଦରିସ, କେ ରବିନ୍ଦ୍ର କୁମାର, ପିଏସ ଏନ ସେନାପତି, ସଚି ନନ୍ଦନ ପୃଷ୍ଟି, ଏ ରମେଶ ପାତ୍ର, ବି ସ୍ୱରାଜ୍ୟ ସୁବୁଦ୍ଧିଙ୍କ ସମେତ ଚାମ୍ବରର ବହୁ ସଦସ୍ୟ ସଭାରେ ଉପସ୍ଥିତ ଥିଲେ।

### ଉପାନ୍ତ ଅଞ୍ଚଳରେ ଶାଖା ଖୋଲିବାକୁ ଗୁରୁତ୍ୱ

#### ଉତ୍କଳ ସମ୍ମିଳନୀର ସାଧାରଣ ସଭା

ବ୍ରହ୍ମପୁର,୧୦।୯(ସ୍ମୃତି ରଞ୍ଜନ ମହାଲିକ)




ସଭାରେ ଉପସ୍ଥିତ ଉତ୍କଳ ସମ୍ମିଳନୀର ସଦସ୍ୟ ବୃନ୍ଦ।

ଉତ୍କଳ ସମ୍ମିଳନୀର ଏକ ସାଧାରଣ ସଭା ଉତ୍କଳ ଆଶ୍ରମ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମିଳନୀର ସଭାପତି ଡ. ସୁବ୍ରତ କୁମାର ସାହୁ ଅଧକ୍ଷତା କରିଥିଲେ। ସମ୍ପାଦକ ଦୀନବନ୍ଧୁ ଶ୍ରୀପଲବ ସମ୍ପାଦକୀୟ ଉପସ୍ଥାପନ କରିଥିଲେ। ରାଜ୍ୟ ସରକାରଙ୍କ ବାରମ୍ବାର ନିର୍ଦ୍ଦେଶସତ୍ତ୍ୱେ ସରକାରୀସ୍ତରରେ କୌଣସି ବି ବିଭାଗ ପକ୍ଷରୁ ଓଡିଆରେ ଚିଠିପତ୍ର ଲେଖା ନ ଯାଇ ଇଂରାଜୀ ଭାଷାରେ ଲେଖାଯାଉଥିବା ସମ୍ପାଦକ କହିଥିଲେ। ଏପରିକି ଓଡିଆ ଭାଷା ପ୍ରତିଷ୍ଠାନ, ଓଡିଶା ସାହିତ୍ୟ ଏକାଡେମୀ ଓ ପ୍ରାଥମିକ ବିଦ୍ୟାଳୟଠାରୁ ବିଶ୍ୱବିଦ୍ୟାଳୟ ଯାଏଁ ଇଂରାଜୀରେ ପତ୍ର କରାଯାଉଛି। ଏ ନେଇ ଆଗାମୀ ଦିନରେ ସମ୍ମିଳନୀ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସଭାରେ ନିଷ୍ପତ୍ତି ହୋଇଥିଲା। ଅନ୍ୟପକ୍ଷରେ ଚିକିଟି, ପାତ୍ରପୁର ଓ କୋରାପୁଟ ଜିଲା କୋଟିଆ ସମେତ ଅନ୍ୟାନ୍ୟ ଅଞ୍ଚଳରେ ୫୦ରୁ ଉର୍ଦ୍ଧ୍ୱ ଓଡିଆ ବିଦ୍ୟାଳୟରେ ତାଲା ପଡିରହିଛି। ଏ ବାବଦରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ନୀରବଦ୍ରଷ୍ଟା ସାଜିଥିବା ସମ୍ମିଳନୀର ସଭାପତି କହିଥିଲେ। ଆନ୍ଧ୍ର ସରକାର ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ଲୋଭନୀୟ ପାଠ୍ୟପୁସ୍ତକ ସହ ପୋଷାକ ଓ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଯାହାଦ୍ୱାରା ଉପାନ୍ତ ଅଂଚଳର ପରିବାର ବର୍ଗ ନିଜ ପିଲାଙ୍କୁ ତେଲୁଗୁ ପଢାଉଥିବା କୁହାଯାଇଥିଲା। ଏ ସଂପର୍କରେ ତଥ୍ୟ ସଂଗ୍ରହ କରି ଲୋକଙ୍କୁ ସଚେତନ କରିବା ପାଇଁ ଉପାନ୍ତ ଅଂଚଳରେ ଉତ୍କଳ ସମ୍ମିଳନୀର ଶାଖା ଖୋଲିବା ପାଇଁ ଗୁରୁତ୍ୱ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀର ଉପସଭାପତି ଡା ନକୁଳ ସାହୁ, ଜିଲା ସଦସ୍ୟ ରାଧାଚରଣ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ କାହ୍ନୁ ବାଳକୃଷ୍ଣ ବିହାରୀ, ଶିକ୍ଷାବିତ ବିରୁପାକ୍ଷ ଦାଶଙ୍କ ସମେତ ସମ୍ମିଳନୀର ବହୁ ସଦସ୍ୟ ଉପସ୍ଥିତ ଥିଲେ।

